www.prepp.in

Prepp
Your Personal Exams Guide

# CSM – 1/15

# Odia Language

*Time : 3 hours*

*Full Marks : 300*

*Candidates should attempt **all** questions.*

*The figures in the right-hand margin indicate marks.*

*Answer must be written in **Odia**.*

1. ନିମ୍ନଲିଖିତ ଯେକୌଣସି ଗୋଟିଏ ପ୍ରସଙ୍ଗରେ ପ୍ରାୟ ଏକ ହଜାର ଶବ୍ଦରେ ପ୍ରବନ୍ଧ ଲେଖ : 100

   (କ) ଆତଙ୍କବାଦ

   (ଖ) ଜଳବାୟୁ ପରିବର୍ତ୍ତନ

   (ଗ) ଓଡ଼ିଶାର ହସ୍ତଶିଳ୍ପ

   (ଘ) ମାନବାଧିକାର

   (ଙ) ଧର୍ମନିରପେକ୍ଷତା

2. ପ୍ରାୟ ଏକ ଶହ ଶବ୍ଦରେ ନିମ୍ନଲିଖିତ ବିଶେଷୋକ୍ତିଗୁଡ଼ିକ ମଧ୍ୟରୁ ଯେକୌଣସି ଗୋଟିଏର ବ୍ୟାଖ୍ୟା ଲେଖ : 20

   (କ) ଅକାଳେ ନିୟମ ନାସ୍ତି

   (ଖ) ବାହାଘରବେଳେ ବାଇଗଣରୁଆ

   (ଗ) ଡେଙ୍ଗା ମୁଣ୍ଡରେ ଠେଙ୍ଗା

   (ଘ) ଢୋଲ ଭିତରେ ମୂଷା

www.prepp.in

Prepp
Your Personal Exams Guide

3. ନିମ୍ନ ପ୍ରଦତ୍ତ ପରିଚ୍ଛେଦକୁ ଯତ୍ନ ସହକାରେ ପାଠକରି ପରବର୍ତ୍ତୀ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ : 5×6 = 30

ନିଜ ଦେଶକୁ ଅନ୍ୟ ଦେଶମାନଙ୍କଠାରୁ ଶ୍ରେଷ୍ଠ ମନେକରିବା ମାନବ ଜାତିର ଯଥେଷ୍ଟ କ୍ଷତି କରିବା ସଙ୍ଗେ ସଙ୍ଗେ ନିଜ ଦେଶର ସଂସ୍କୃତି, ସଭ୍ୟତା, ରୁଚି ଓ ଲୋକ ଚରିତ୍ରର ବାସ୍ତବ ମୂଲ୍ୟ ନିର୍ଣ୍ଣୟ କରିବାରେ ପ୍ରତିବନ୍ଧକ ହୋଇଛି । ଏ ଯୁଗରେ ସବୁ ଦେଶର ଲୋକେ ଅନ୍ୟଦେଶ ଲୋକମାନଙ୍କ ପ୍ରତି ଅନ୍ୟାୟ ନକରିବାକୁ ସ୍ଥିର କଲେ ଓ ନିଜର ଭୁଲ ବିଚାର କରି ଶିଖିଲେ ଯୁଦ୍ଧ ଭୟ ଦୂରହେବ । ବିଜ୍ଞାନ ସାହାଯ୍ୟରେ ମାରଣାସ୍ତ୍ର ସବୁ ତିଆରି ହୋଇ ସମଗ୍ର ପୃଥିବୀକୁ ଧ୍ୱଂସ କରିଦେବାର ଯେଉଁ ଭୟ ରହିଛି, ସେଥିରେ ବିଜ୍ଞାନକୁ ଦୋଷ ଦେବା ଯଥାର୍ଥ ହେବ ନାହିଁ । ଯୁଗ ଯୁଗ ଧରି ସ୍ୱାର୍ଥ ପାଇଁ ଅନ୍ୟଦେଶର ଲୋକଙ୍କୁ ହତ୍ୟା କରିବାର ମନୋଭାବ ଦୂର କରିବାକୁ ହେବ । ଯୁଦ୍ଧରେ ଶତ୍ରୁ ଜିଣିଲେ ରାଜତ୍ୱଲାଭ ଓ ମଲେ ସ୍ୱର୍ଗଲାଭ – ଏ ପ୍ରକାର ମାରାତ୍ମକ ପ୍ରଚାର ବିରୁଦ୍ଧରେ ସବୁ ଦେଶରେ ଚିନ୍ତାଶୀଳ ବ୍ୟକ୍ତିମାନେ ଜନମତ ସୃଷ୍ଟି କରିବା ଉଚିତ । ବୃଥାଗର୍ବ, ଅହଙ୍କାର, ସ୍ୱାର୍ଥସିଦ୍ଧି ପ୍ରଭୃତି ଯେଉଁ ସବୁ ମନୋଭାବରୁ ଯୁଦ୍ଧ ହୋଇଥିଲା, ସେ ମନୋଭାବ ଆଜିଯାଏ ରହିଥିବାରୁ ସବୁଦେଶର ଲୋକମାନେ ଯୁଦ୍ଧର ବିଭୀଷିକା ପ୍ରତି ସଚେତନ ଥିଲେ ମଧ୍ୟ ଯୁଦ୍ଧ ଲାଗିବାର ଭୟ କମୁନାହିଁ । ରାଜନୀତିଜ୍ଞମାନଙ୍କର ଦକ୍ଷତା ହେତୁ ସାମୟିକ ଭାବେ କିଛିଦିନ ପାଇଁ ହୁଏତ ଯୁଦ୍ଧଭୟ ବନ୍ଦ ହୋଇପାରେ, ମାତ୍ର ଦୃଷ୍ଟିକୋଣର ପରିବର୍ତ୍ତନ ନହେଲେ ସ୍ଥାୟୀ ଶାନ୍ତି ଅସମ୍ଭବ । ଆଜି ପୃଥିବୀରେ ଯୁଦ୍ଧ ନହେବାର ପ୍ରଧାନ କାରଣ ହେଉଛି କୌଣସି ଦେଶ ଯୁଦ୍ଧକରି ପୂର୍ଣ୍ଣ ବିଜୟର ଆଶା ରଖିନି । ଯୁଦ୍ଧ ଲାଗିଲେ ଶତ୍ରୁ ଦେଶ ସହ ନିଜ ଦେଶ ମଧ୍ୟ ପୃଥିବୀରୁ ଲୋପ ପାଇଯିବ – ଏ ଭୟ ସବୁ ଦେଶର ଅଛି । ଯଦି ଆମେରିକା ବା ରୁଷିଆ କୌଣସି ଗୋଟିଏ ଦେଶର ବିଶ୍ୱାସ ଥାଆନ୍ତା

Prepp
Your Personal Exams Guide

ଯେ ଯୁଦ୍ଧଲାଗିଲେ କେବଳ ଅନ୍ୟଦେଶଟି ଧ୍ୱଂସ ପାଇବ, ତେବେ ହୁଏତ ଅନେକ ଦିନରୁ ଦୁଇଦେଶ ମଧ୍ୟରୁ ଗୋଟିଏ ପୃଥିବୀ ପୃଷ୍ଠରୁ ଲୋପ ପାଆନ୍ତାଣି । ପୂର୍ବେ ଯେପରି ନିଜ ଦେଶର ଧର୍ମରେ ଅନ୍ୟଦେଶର ଲୋକଙ୍କୁ ଦୀକ୍ଷିତ କରାଇବାପାଇଁ ଯୁଦ୍ଧ ହେଉଥିଲା, ଏ ଯୁଗରେ ସେହିପରି ଆଦର୍ଶଗତ ପାର୍ଥକ୍ୟରୁ ଯୁଦ୍ଧ ହେବାର ଭୟ ରହିଛି । ନିଜ ନିଜର ରାଜନୈତିକ ଆଦର୍ଶ ପ୍ରତିଷ୍ଠା ପାଇଁ କମ୍ୟୁନିଷ୍ଟ ଓ ଗଣତାନ୍ତ୍ରିକମାନଙ୍କ ମଧ୍ୟରେ ଯୁଦ୍ଧ ହେବାର ଭୟ ସବୁବେଳେ ରହିଛି । ମଧ୍ୟଯୁଗ ଇଉରୋପରେ କ୍ୟାଥିଲିକ୍ ଓ ପ୍ରୋଟେଷ୍ଟାଣ୍ଟମାନେ ପରସ୍ପରର ସମୂଳ ବିନାଶପାଇଁ ଅନେକ ଚେଷ୍ଟା କରିଥିଲେ । କ୍ୟାଥିଲିକ୍ ଓ ପ୍ରୋଟେଷ୍ଟାଣ୍ଟ ରାଜାମାନଙ୍କ ମଧ୍ୟରେ ଯୁଦ୍ଧ ହୋଇ ଦୁଇ ସଂପ୍ରଦାୟ ପରସ୍ପରକୁ ହତ୍ୟାକରି ଶେଷରେ ଉପଲବ୍ଧି କଲେ ଯେ ଗୋଟିଏ ସଂପ୍ରଦାୟ ଅନ୍ୟ ସଂପ୍ରଦାୟକୁ ବିନାଶ କରିପାରିବ ନାହିଁ । ଫଳରେ ଦୁଇ ସଂପ୍ରଦାୟ ମଧ୍ୟରେ ସହନଶୀଳତା ଦେଖାଗଲା ଓ ସେମାନେ ଏକତ୍ର ବସବାସ କଲେ । କ୍ୟାଥିଲିକ୍ ଓ ପ୍ରୋଟେଷ୍ଟାଣ୍ଟମାନଙ୍କ ମଧ୍ୟରେ ପ୍ରଥମରୁ ଯୁଦ୍ଧ ହୋଇନଥିଲେ ସହନଶୀଳତା ପ୍ରକାଶ ପାଇନଥାନ୍ତା ବୋଲି ଭାବିବା ଭ୍ରମାତ୍ମକ । ବିନା ରକ୍ତପାତରେ ବୌଦ୍ଧଧର୍ମ ଚୀନରେ ପ୍ରସାର ଲାଭ କରିଥିଲା ଏବଂ ବୌଦ୍ଧଧର୍ମ ଓ କନ୍‌ଫୁସିୟସ୍‌ଙ୍କ ଧର୍ମ ଚୀନରେ ଏକ ସମୟରେ ରହିପାରିଥିଲେ । ଭାରତରେ ହିନ୍ଦୁଧର୍ମର ପୂର୍ଣ୍ଣ ରାଜତ୍ୱ ଥିଲେ ମଧ୍ୟ ବୁଦ୍ଧ ସ୍ୱଚ୍ଛନ୍ଦରେ ବୌଦ୍ଧଧର୍ମର ପ୍ରଚାର କରିଥିଲେ । ପାଶ୍ଚାତ୍ୟ ଦେଶ ମାନଙ୍କଠାରୁ ପ୍ରାଚ୍ୟ ଦେଶମାନଙ୍କର ଅତୀତରେ ଅଧିକ ସହନଶୀଳତା ଥିଲା । ଏ ଯୁଗରେ ବିଭିନ୍ନ ଶ୍ରେଣୀ ଓ ମତବାଦର ଲୋକଙ୍କ ମଧ୍ୟରେ ସହନଶୀଳତା ରହିଲେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ, କମ୍ୟୁନିଷ୍ଟ, ଅଣ କମ୍ୟୁନିଷ୍ଟ, କଳା-ଗୋରା ପ୍ରଭୃତି ବିଭିନ୍ନ ଶ୍ରେଣୀଗତ ଓ ଆଦର୍ଶଗତ ଭେଦଭାବ ଦୂର ହୋଇ ପୃଥିବୀରେ ଶାନ୍ତି ପ୍ରତିଷ୍ଠା ହେବ ।

www.prepp.in

Prepp
Your Personal Exams Guide

**ପ୍ରଶ୍ନାବଳୀ :**

(କ) ନିଜ ଦେଶକୁ ଅନ୍ୟଦେଶଗୁଡ଼ିକଠାରୁ ଶ୍ରେଷ୍ଠ ମନେକରିବା ଉଚିତ ନୁହେଁ କାହିଁକି ?

(ଖ) ଯୁଦ୍ଧରେ ଶତ୍ରୁ ଜିଣିଲେ ରାଜତ୍ୱ ଲାଭ ଓ ମଲେ ସ୍ୱର୍ଗ ଲାଭ – ଏଭଳି ପ୍ରଚାର ମାରାତ୍ମକ କାହିଁକି ?

(ଗ) ଆମେରିକା ଓ ରୁଷିଆ ମଧ୍ୟରେ ଯୁଦ୍ଧ ନହେବାର କାରଣ କ'ଣ ?

(ଘ) ଅତୀତର ପ୍ରାଚ୍ୟ ଦେଶଗୁଡ଼ିକ ପାଶ୍ଚାତ୍ୟ ଦେଶଗୁଡ଼ିକଠାରୁ ଅଧିକ ସହନଶୀଳ ବୋଲି କାହିଁକି କୁହାଯାଇଛି ?

(ଙ) ପୃଥିବୀରେ ସ୍ଥାୟୀ ଶାନ୍ତି କିପରି ପ୍ରତିଷ୍ଠିତ ହୋଇପାରିବ ?

4. ଓଡ଼ିଆରେ ଅନୁବାଦ କର : $2 \times 15 = 30$

(କ) The first half of the nineteenth century saw an enormous increase in population all over Europe.

(ଖ) Population from rural areas migrated to the cities to live in over-crowded slums.

(ଗ) Language played an important role in developing nationalist sentiments.

(ଘ) A centralised administrative system was put in place and it formulated uniform laws for all citizens.

(ଙ) Liberalism stands for freedom of markets and the abolition of state imposed restrictions on the movements of goods and capital.

www.prepp.in

(ଚ) Mahatma Gandhi declared Vinoba Bhave as his spiritual heir.

(ଛ) A child gets exposed to a language through listening and speaking and uses it through reading and writing.

(ଜ) In India Lotus is regarded as the sacred flower and treated as the symbol of purity from ancient period.

(ଝ) It is not ethical to promote cigarettes through advertising.

(ଞ) There will be rich and poor for all eternity.

(ଟ) He described himself as an egalitarian.

(ଠ) She refused to answer questions that infringed on her private affairs.

(ଡ) The court absolved him of all responsibility for the road accident.

(ଢ) Tourism promotes national integration, provides support to local handicrafts and cultural pursuits.

(ଣ) India is well-linked with the rest of the world despite its vast size, diversity and linguistic and socio-cultural plurality.

5. ନିମ୍ନ ପ୍ରଦତ୍ତ ପରିଚ୍ଛେଦର ସାରାଂଶ ପ୍ରାୟ ତିନିଶହ ଶବ୍ଦରେ ଲେଖ । ଲେଖାଶେଷରେ ସାରାଂଶରେ ବ୍ୟବହୃତ ଶବ୍ଦ ସଂଖ୍ୟା ଉଲ୍ଲେଖ କର । 40

ସାଧାରଣତଃ ରାଜନୀତିକ୍ଷେତ୍ର ଓ ନୈତିକତାକ୍ଷେତ୍ର ପରସ୍ପର ଠାରୁ ସ୍ୱତନ୍ତ୍ର ବୋଲି ବିବେଚିତ ହୋଇଥାଏ । ଉଭୟ କ୍ଷେତ୍ରରେ ହିତ-ଅହିତ, ନ୍ୟାୟ-ଅନ୍ୟାୟ ଦୃଷ୍ଟିରୁ କାର୍ଯ୍ୟକଳାପର ମୂଲ୍ୟ ନିର୍ଦ୍ଧାରଣ କରାଯାଇଥାଏ । ମାତ୍ର ଏହି ସାଦୃଶ୍ୟ ସତ୍ତ୍ୱେ ଉଭୟ କ୍ଷେତ୍ର ମଧ୍ୟରେ ମୌଳିକ ପାର୍ଥକ୍ୟ ରହିଅଛି । ଉଭୟେ ସେଥିପାଇଁ ଏକ ନୁହନ୍ତି । କାରଣ ରାଜନୀତି ଦୃଷ୍ଟିରୁ କାର୍ଯ୍ୟବିଶେଷର ମୂଲ୍ୟ ଉକ୍ତ କାର୍ଯ୍ୟର ବହିଃ ପରିଣତି ବା ଫଳ ପ୍ରତି ଲକ୍ଷ୍ୟ ରଖି ନିରୂପିତ ହୋଇଥାଏ । ମାତ୍ର ନୈତିକତା ଦୃଷ୍ଟିରୁ ଉକ୍ତ କାର୍ଯ୍ୟର ମୂଲ୍ୟ କର୍ତ୍ତାର ଅଭିପ୍ରାୟ ବା ମନୋବୃତ୍ତି ଉପରେ ନିର୍ଭର କରେ । ଦୃଷ୍ଟାନ୍ତସ୍ୱରୂପ, ଧର, କୌଣସି ବ୍ୟକ୍ତି ଗୋଟିଏ ପକ୍ଷୀକୁ ହୁରୁଡ଼େଇ ଦେବା ଅଭିପ୍ରାୟରେ ଚାଳିତ ହୋଇ ତାହା ଆଡ଼କୁ ଲକ୍ଷ୍ୟ କରି ଟେକାଟିଏ ପକାଇ ଦେଲା । ମାତ୍ର ଠିକ୍ ଏହି ସମୟରେ ସେହି ବାଟ ଦେଇ ଯାଉଥିବା ଜଣେ ପଥିକ ଉପରେ ଟେକାଟି ପଡ଼ି ତାହାର ମୁଣ୍ଡ ଖଣ୍ଡିଆ କରିଦେଲା । ଏହି କର୍ମଟିକୁ ଯଦି ରାଜନୀତି ଦୃଷ୍ଟିକୋଣରୁ ବିଚାର କରାଯାଏ, ତାହାହେଲେ ଏହାର ଫଳ ବା ବହିଃ ପରିଣାମ ଭଲ କି ମନ୍ଦ, ବିଚାର କରି କର୍ତ୍ତା ଦୋଷୀ କି ନିର୍ଦ୍ଦୋଷ, ସ୍ଥିର କରାଯାଇଥାଏ । ସଂଶିତ କର୍ମଟିର ଫଳ ପଥିକର କ୍ଷତିକାରକ ହୋଇଥିବାରୁ ରାଜନୀତି କହିବ, କର୍ତ୍ତା ଅପରାଧୀ ଓ ତେଣୁ ଦଣ୍ଡନୀୟ । ମାତ୍ର ନୈତିକତା ଭିତ୍ତିରୁ ବିଚାର କରିବାକୁ ଗଲେ ପ୍ରଶ୍ନ ହେବ – କର୍ତ୍ତା କି ଉଦ୍ଦେଶ୍ୟ ବା ଅଭିପ୍ରାୟ ମନ ମଧ୍ୟରେ ପୋଷଣ କରି ଟେକାଟି ପକାଉଥିଲେ ? ଏହି ଦୃଷ୍ଟିରୁ କାର୍ଯ୍ୟଟି ବିଶ୍ଳେଷଣ କଲେ ଜଣାଯିବ ଯେ କର୍ତ୍ତା ପଥିକ ପ୍ରତି କୌଣସି ହିଂସା ପୋଷଣ କରି ନାହାନ୍ତି କି ପଥିକକୁ ଲକ୍ଷ୍ୟ କରି ଟେକାଟି ପକାଇ ନାହାନ୍ତି । ଏପରି ସ୍ଥଳେ କର୍ତ୍ତା ଦଣ୍ଡନୀୟ ନୁହନ୍ତି । କାରଣ, ପଥିକକୁ

www.prepp.in

Prepp
Your Personal Exams Guide

କ୍ଷତ କରିବାର ଉଦ୍ଦେଶ୍ୟ ବା ଅଭିପ୍ରାୟରେ ଚାଳିତ ହୋଇ ସେ କାର୍ଯ୍ୟଟି କରି ନାହାନ୍ତି । ସୁତରାଂ କହିବାକୁ ହେବ, ରାଜନୀତିକ ଦୃଷ୍ଟିରୁ କାର୍ଯ୍ୟଗୁଡ଼ିକର ବିଚାର ବାସ୍ତବମୁଖୀ ଅର୍ଥାତ୍ ବାସ୍ତବ ଜଗତରେ ପରିଦୃଷ୍ଟ କାର୍ଯ୍ୟର ବାହ୍ୟ ଫଳାଫଳ ଉପରେ ନିର୍ଭର କରେ । ମାତ୍ର ସେଗୁଡ଼ିକର ନୈତିକତାମୂଳକ ବିଚାର ଅନ୍ତର୍ମୁଖୀ – ଅର୍ଥାତ୍ କର୍ତ୍ତାର ମନ ମଧ୍ୟରେ କଳ୍ପିତ ଉଦ୍ଦେଶ୍ୟର ଔଚିତ୍ୟ ବା ଅନୌଚିତ୍ୟ ଉପରେ ନିର୍ଭର କରେ ।

ଦ୍ୱିତୀୟତଃ ରାଜନୀତି କ୍ଷେତ୍ରରେ ବ୍ୟକ୍ତିମାନଙ୍କର ସାମୂହିକ ସୁଖସ୍ୱାଚ୍ଛନ୍ଦ୍ୟ ପ୍ରତି ଦୃଷ୍ଟି ଦିଆଯାଇଥାଏ । କିନ୍ତୁ ନୈତିକତା କ୍ଷେତ୍ରରେ ମାନବର ବ୍ୟକ୍ତିଗତ ଚରିତ୍ରର ଉତ୍କର୍ଷ ପ୍ରତି ଲକ୍ଷ୍ୟ ରଖି କର୍ମପନ୍ଥା ଓ ତାହାର ଔଚିତ୍ୟାନୌଚିତ୍ୟ ନିରୂପିତ ହୋଇଥାଏ ।

ରାଜନୀତି କାର୍ଯ୍ୟର ମୂଲ୍ୟ ବିଚାର କଲାବେଳେ କାର୍ଯ୍ୟପ୍ରସୂତ ଫଳର ସୁବିଧାଜନକତା ବା ଅସୁବିଧାଜନକତା ବିଚାର କରିଥାଏ । ମାତ୍ର ନୈତିକତା କ୍ଷେତ୍ରରେ ସୁବିଧାଜନକତା କାର୍ଯ୍ୟର ଅନୁମୋଦନୀୟତାର ମାପକାଠି ହୋଇନପାରେ । କାରଣ ଅନେକ ସମୟରେ ଦେଖାଯାଏ, ଗୋଟିଏ ଅନୈତିକ ବା ଅନ୍ୟାୟ କର୍ମ ଲୋକମାନଙ୍କର ସୁଖସ୍ୱାଚ୍ଛନ୍ଦ୍ୟର ଅନୁକୂଳ ହୋଇପାରେ । କିନ୍ତୁ ନୈତିକତା ଦୃଷ୍ଟିରୁ ଦେଖିଲେ ଉକ୍ତ କର୍ମ ସତ୍ ଉଦ୍ଦେଶ୍ୟରେ ସାଧିତ ହୋଇ ନାହିଁ । ବରଂ ଏକ ଅନୁଚିତ ଉପାୟରେ କେବଳ ସୁବିଧାଜନକତା ପ୍ରତି ଦୃଷ୍ଟି ରଖି ସମ୍ପାଦିତ ହୋଇଥାଏ । ଉଦାହରଣସ୍ୱରୂପ, ମିଥ୍ୟା କହି କୌଣସି ସାଧାରଣ ହିତକର କାର୍ଯ୍ୟ କଲାବେଳେ ରାଜନୀତିକ ବିଚାର ଦୃଷ୍ଟିରୁ କେବଳ ଫଳପ୍ରତି ଦୃଷ୍ଟି ରଖି ଉକ୍ତ ମିଥ୍ୟାକଥନରୂପ କାର୍ଯ୍ୟକୁ ଅନୁମୋଦନୀୟ ବୋଲି ମନେକରୁଁ । ମାତ୍ର ଏହା ଏକ ପ୍ରତାରଣା । କେବଳ ସୁବିଧା ପ୍ରତି ଲକ୍ଷ୍ୟ ରଖି ଆମ୍ଭେମାନେ ଜଗତକୁ ମିଥ୍ୟାର ପ୍ରବଞ୍ଚନାରେ ପକାଇବା ନୈତିକତାର ଦୃଷ୍ଟିକୋଣରୁ କୌଣସିମତେ ସମୀଚୀନ ନୁହେଁ ।

www.prepp.in

ପୁନଶ୍ଚ ରାଜନୀତିକ ଦୃଷ୍ଟିକୋଣରୁ କାର୍ଯ୍ୟର ପରିଣାମ ବା ଶେଷଫଳର ଉପକାରିତା ବା ଅନୁପକାରିତାରୁ ଉକ୍ତ କାର୍ଯ୍ୟର ଔଚିତ୍ୟାନୌଚିତ୍ୟ ନିରୂପିତ ହୋଇଥାଏ । ଏ କ୍ଷେତ୍ରରେ ନୀତି ହେଉଛି – କାର୍ଯ୍ୟର ପରିଣାମ ଭଲ ହେଲେ କାର୍ଯ୍ୟଟି ନୈତିକ ଦୃଷ୍ଟିକୋଣରୁ ଅନନୁମୋଦନୀୟ ହୋଇଥିଲେ ହେଁ ଉଚିତ ବା ନ୍ୟାୟାନୁମୋଦିତ ବୋଲି ବିବେଚିତ ହୋଇଥାଏ । ମନେକର, କୌଣସି ବ୍ୟକ୍ତି କୌଣସି ଧନାଢ୍ୟ ବ୍ୟକ୍ତିର ଧନ ସମ୍ପଦ ଅପହରଣ କରି ତାହାର ବିନିଯୋଗରେ ସମାଜର ଏକ ହିତକର ଅନୁଷ୍ଠାନ ଗଢ଼ିଲେ । ଅନୁଷ୍ଠାନଟିର ହିତକାରିତା ଦୃଷ୍ଟିରୁ ଉକ୍ତ ପରଧନାପହରଣ କାର୍ଯ୍ୟଟି ରାଜନୀତି କ୍ଷେତ୍ରରୁ ସମର୍ଥନ ପାଇଥାଏ । ମାତ୍ର ନୈତିକ ଦୃଷ୍ଟିକୋଣରୁ ଏହି କାର୍ଯ୍ୟଟିର ଉପାୟ ଅନ୍ୟାୟ ହୋଇଥିବାରୁ ଉପେୟ ବା ପରିଣାମ ଯେତେ ଶୁଭାବହ ହେଲେ ବି କୌଣସିମତେ ଅନୁମୋଦନୀୟ ନୁହେଁ । କାରଣ କାର୍ଯ୍ୟଟି କର୍ତ୍ତାର ଅନ୍ୟାୟ ଉଦ୍ଦେଶ୍ୟ ବା ଅଭିପ୍ରାୟରେ ସମ୍ପାଦିତ ହୋଇଛି । ତେଣୁ ନୀତିଶାସ୍ତ୍ର ଦୃଷ୍ଟିରୁ ଉପାୟ ଓ ଉପେୟ, କାର୍ଯ୍ୟ ଓ ତାହାର ପରିଣାମ ଉଭୟେ ସତ୍ ହେବା ଆବଶ୍ୟକ ।

ଏହିପରି ସାଧାରଣତଃ ରାଜନୀତି ଓ ନୈତିକତା ମଧ୍ୟରେ ପାର୍ଥକ୍ୟ ପ୍ରଦର୍ଶିତ ହୋଇ ଉଭୟ କ୍ଷେତ୍ର ପରସ୍ପରଠାରୁ ବିଭିନ୍ନ ବୋଲି ବିବେଚିତ ହୋଇଥାଏ । ମାତ୍ର ଏହି ବିଭିନ୍ନତା ସତ୍ତ୍ୱେ ଉଭୟେ ପରସ୍ପରକୁ ପ୍ରଭାବିତ କରିପାରନ୍ତି । ଅର୍ଥାତ୍, ଏହି ମତରେ ରାଜନୀତି ନୈତିକତା ଦ୍ୱାରା ନିୟନ୍ତ୍ରିତ ହୋଇପାରେ ତଥା ନୈତିକତାର କ୍ଷେତ୍ର ମଧ୍ୟ ଅନେକ ସମୟରେ ରାଜନୀତି ଦ୍ୱାରା ପ୍ରଭାବିତ ହୋଇଥାଏ ।

ଏହାଛଡ଼ା ଆଉ ଏକ ମତ ଇଟାଲୀୟ ପଣ୍ଡିତ ମାକିଆଭେଲିଙ୍କ କର୍ତ୍ତୃକ ପ୍ରଚାରିତ ହୋଇଅଛି । ତାହା ହେଉଛି ରାଜନୀତି ଓ ନୈତିକତା ମଧ୍ୟରେ କୌଣସି ସମନ୍ୱୟ ବା ସମ୍ପର୍କ ସ୍ଥାପିତ ହୋଇ ନ ପାରେ । ରାଜନୀତିକ୍ଷେତ୍ର ନୈତିକତାର କ୍ଷେତ୍ରରୁ ଆତ୍ୟନ୍ତିକ ଭାବରେ ବିଚ୍ଛିନ୍ନ, – ରାଜନୀତିରେ ନୈତିକତାର ସତ୍ତା ରହି ନପାରେ । ତାଙ୍କର ମତ, ରାଜା

ରାଷ୍ଟ୍ରର ଅଧିନାୟକଭାବରେ ଶୃଙ୍ଖଳାସଂରକ୍ଷଣ ତଥା ସମୃଦ୍ଧି ନିମିତ୍ତ ହତ୍ୟା, ଅପହରଣ ପ୍ରଭୃତି ଯେ କୌଣସି ଅତ୍ୟାଚାରସମ୍ବଳିତ ନୀତି ଅବଲମ୍ବନ କରିପାରନ୍ତି । ତାଙ୍କର କାର୍ଯ୍ୟକୁ ନୈତିକତା କୌଣସିମତେ ବ୍ୟାହତ କରି ନ ପାରେ । ଆବଶ୍ୟକ ହେଲେ ଦେଶରକ୍ଷା ପାଇଁ ଶତ୍ରୁର ସମସ୍ତ ଶକ୍ତି ପରାହତ କରି, ତାହାର ଧନବଳ ତଥା ଜନବଳକୁ କଳେ ବଳେ କୌଶଳେ କରଗତ କରି, ରାଜଶକ୍ତି ଦେଶବାସୀଙ୍କର ପ୍ରିୟପାତ୍ର ହୋଇପାରେ । ରାଜନୀତିକ୍ଷେତ୍ର ନୈତିକତାର ମାନଦଣ୍ଡରେ ଚାଳିତ ହେବା କୌଣସିମତେ ସମୀଚୀନ ନୁହେଁ । ଏହି ମତରେ ରାଜାଙ୍କର ବାଣୀ ବା ଆଦେଶ ହିଁ ଏକମାତ୍ର ନୀତି । ରାଜା କୌଣସି ନିୟମ ବା ଆଇନ୍‌ର ଅଧୀନ ନୁହନ୍ତି ଓ ସେଥିପାଇଁ ନୈତିକତାର ବନ୍ଧନ ତାଙ୍କ ପ୍ରତି ପ୍ରଯୁଜ୍ୟ ନୁହେଁ ।

ଉପରୋକ୍ତ ମତଦ୍ୱୟରେ ରାଜନୀତି ଓ ନୈତିକତା, ଉଭୟର ସ୍ୱାତନ୍ତ୍ର୍ୟ ସ୍ୱୀକାର କରାଯାଇଅଛି । ମାତ୍ର ଅନ୍ୟ କେତେକ ପଣ୍ଡିତ ଉଭୟ କ୍ଷେତ୍ର ମଧ୍ୟରେ ଅବିଚ୍ଛେଦ୍ୟ ସମ୍ପର୍କ ବିଦ୍ୟମାନ ଥିବାର ମତ ପ୍ରଖ୍ୟାପନ କରିବାକୁ ଯାଇଅଛନ୍ତି । ଏହି ମତରେ ରାଜନୀତି ଓ ନୈତିକତା ପରସ୍ପର ସହିତ ସଂଶ୍ଳିଷ୍ଟ – ଏକ ଅନ୍ୟଠାରୁ ବିଚ୍ଛିନ୍ନ ନୁହେଁ । ଏହି ମତଟି କିନ୍ତୁ ଦୁଇ ଶ୍ରେଣୀର ପଣ୍ଡିତଙ୍କ କର୍ତ୍ତୃକ ଦୁଇ ବିଭିନ୍ନ ଭାବରେ ଅବଲମ୍ବିତ ହୋଇଥାଏ । ହବ୍‌ସ ଓ ବେନ୍ ନାମକ ଦୁଇଜଣ ଇଂରେଜ ପଣ୍ଡିତଙ୍କ ମତରେ ନୈତିକତା ରାଜନୀତିର ଅନ୍ତର୍ଗତ – ରାଜନୀତିର ଏକ ଶାଖା ମାତ୍ର । ଏମାନଙ୍କ ମତରେ ରାଜନୀତିରୁ ହିଁ ନୈତିକତାର ଉତ୍ପତ୍ତି ଘଟିଅଛି । ତେଣୁ ରାଜାଙ୍କ ପ୍ରବର୍ତ୍ତିତ ନୀତି ବିରୋଧରେ ନୈତିକତା ଯାଇ ନପାରେ । ଏହି ମତରେ ନୀତିଶାସ୍ତ୍ର ରାଜନୀତିଶାସ୍ତ୍ର ଦ୍ୱାରା ନିୟନ୍ତ୍ରିତ – ରାଜନୀତିଗତ ଅନୁଶାସନ ବା ଶୃଙ୍ଖଳାପଦ୍ଧତି ହିଁ ନୈତିକତାର ଭିତ୍ତିଭୂମି । ଏହି ମତଟିର ଅନ୍ୟ ଏକ ରୂପ ପ୍ଲେଟୋ ଓ ହେଗେଲଙ୍କ କର୍ତ୍ତୃକ ପ୍ରଚାରିତ ହୋଇଅଛି । ଏ ଦୁହେଁ ରାଜନୀତିକୁ ନୈତିକତାର ଭିତ୍ତିରେ ପ୍ରତିଷ୍ଠିତ କରିବାକୁ ଯାଇଅଛନ୍ତି । ପ୍ଲେଟୋ ତାଙ୍କର 'ରିପବ୍ଲିକ୍' ନାମକ ଗ୍ରନ୍ଥରେ କହିବାକୁ ଯାଇଅଛନ୍ତି ଯେ ରାଷ୍ଟ୍ର ନୈତିକତାର ବିକାଶର

www.prepp.in

Prepp
Your Personal Exams Guide

ପ୍ରତିରୂପ ଏବଂ ରାଷ୍ଟ୍ରର ସଂଗଠନ ତଥା ସଂସ୍ଥାପନ ନୈତିକତା ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ । ସେଥିପାଇଁ ସେ ରାଜଶକ୍ତିକୁ ନୈତିକତାସମ୍ପନ୍ନ ଶକ୍ତି ରୂପେ ପ୍ରତିଷ୍ଠିତ କରିବାକୁ ବଦ୍ଧପରିକର, ଚରିତ୍ରବାନ୍, ନିଷ୍ପାପର, ନ୍ୟାୟପରାୟଣ ଓ ଅଭିଜ୍ଞ ଦାର୍ଶନିକ ବ୍ୟକ୍ତିଙ୍କୁ ରାଷ୍ଟ୍ରର ଅଧିପତି ବା ରାଜାର ଆସନର ଯୋଗ୍ୟ ବୋଲି ସେ ପ୍ରଚାର କରିଅଛନ୍ତି । ସେହିପରି ହେଗେଲ୍ ମଧ୍ୟ ନୈତିକତାକୁ ଭିତ୍ତିରୂପେ ଗ୍ରହଣ କରି କହିଅଛନ୍ତି ରାଷ୍ଟ୍ରମାତ୍ରକେ ନୈତିକତାର ବାସ୍ତବ ପରିପ୍ରକାଶ । ତେଣୁ ରାଷ୍ଟ୍ରନୀତିର ମୂଳରେ ନୈତିକତା ହିଁ ନିହିତ ରହିଅଛି । ଏହି ମତ ଦୁଇଟିରୁ ଅନୁମିତ ହେବ, ରାଜନୀତି ଓ ନୈତିକତା ଏପରି ଅଙ୍ଗାଙ୍ଗୀଭାବରେ ସଂଶ୍ଳିଷ୍ଟ ତଥା ସମ୍ପୃକ୍ତ ଯେ ଦୁହିଁଙ୍କ ମଧ୍ୟରେ ପାର୍ଥକ୍ୟ ସ୍ୱୀକାର କରିବା ସମ୍ଭବପର ନୁହେଁ ।

ଆମ୍ଭମାନଙ୍କ ମତରେ କିନ୍ତୁ ରାଜନୀତି ଓ ନୈତିକତା ଏକ ବୋଲି ଭାବିବା ଉଚିତ ନୁହେଁ । ଉଭୟ କ୍ଷେତ୍ରର ବୈଶିଷ୍ଟ୍ୟ ଅସ୍ୱୀକାର କରିହେବ ନାହିଁ । ଆରିଷ୍ଟଟଲ୍‌ଙ୍କ ମତରେ ମାନବ ରାଜନୀତିକ ଜୀବ ହେଲେହେଁ ସେ ନୈତିକ ଜୀବ ମଧ୍ୟ । ସୁତରାଂ ମାନବ ଜୀବନରେ ରାଜନୀତିକତା ଓ ନୈତିକତା ଉଭୟେ ଜନ୍ମରୁ ହିଁ ନିହିତ । ସୁତରାଂ ମାନବ ଏକାଧାରରେ ରାଜନୀତିକ ଓ ନୈତିକ ଜୀବ ହେଲେ ସୁଦ୍ଧା ରାଜନୀତିକତା ଓ ନୈତିକତା ଏକ ବୋଲି କହିବା ବା ଗୋଟିଏ ଅନ୍ୟଟିର ଅଙ୍ଗ ବା ଶାଖା ବୋଲି କହିବା ସମୀଚୀନ ହେବ ନାହିଁ । କାରଣ ରାଜନୀତିକ୍ଷେତ୍ରରେ ଅନେକତ୍ର କୌଶଳ, କାପଟ୍ୟ, ଧୂର୍ତ୍ତତା ଏବଂ ତତ୍ ସଙ୍ଗେ ସଙ୍ଗେ ହିଂସା, ସନ୍ତ୍ରାସକାରୀ ବ୍ୟାପାର ଓ ଆକସ୍ମିକ ଆକ୍ରମଣ ପ୍ରଭୃତିକୁ ଉପାୟରୂପେ ଅବଲମ୍ବନ କରି କ୍ଷମତା ଓ କର୍ତ୍ତୃତ୍ୱ ହାସଲ କରାଯାଇଥାଏ । ଅଧର୍ମ ଓ ହିଂସାରେ, ଏକ କଥାରେ କହିବାକୁ ଗଲେ, ଅନୈତିକତାରେ ଦୂଷିତ ହେଲେ କୌଣସି ରାଷ୍ଟ୍ରନୀତି ଆଦର୍ଶର ନିକଟବର୍ତ୍ତୀ ହୋଇ ନ ପାରେ, ସୁତରାଂ ରାଜନୀତି କ୍ଷେତ୍ରରେ ଅନେକ ସମୟରେ ନୈତିକତାର ସତ୍ତା ଦେଖିବାକୁ ମିଳେ ନାହିଁ । ସେଥିପାଇଁ ରାଜନୀତିର କ୍ଷେତ୍ର ନୈତିକତାର କ୍ଷେତ୍ରରୁ ପୃଥକ୍ ବୋଲି ମନେହୁଏ ।

www.prepp.in

Prepp
Your Personal Exams Guide

କିନ୍ତୁ ଏହି ପାର୍ଥକ୍ୟ ସତ୍ତ୍ୱେ ରାଜନୀତି ଯେ ସବୁବେଳେ ନୈତିକତାର ବିରୋଧୀ ହୋଇ ରହିଥିବ, ଏହା କହିବା ଯଥାର୍ଥ ନୁହେଁ । ଆଗରୁ କୁହାଯାଇଅଛି, ଉଭୟେ ପରସ୍ପରକୁ ପ୍ରଭାବିତ କରିଥାନ୍ତି । ମାତ୍ର ଆମ୍ଭମାନଙ୍କ ମତରେ କେବଳ ଏକ ଅନ୍ୟକୁ ପ୍ରଭାବିତ କରେ ବୋଲି କହିଦେଲେ ଯଥେଷ୍ଟ ହେଲା ନାହିଁ । ଆମ୍ଭମାନଙ୍କୁ କହିବାକୁ ହେବ, ରାଜନୀତି ନୈତିକତାରୁ ପୃଥକ୍ ହେଲେ ହେଁ ନୈତିକତା ଉପରେ ପ୍ରତିଷ୍ଠିତ ନ ହେଲେ, ନୈତିକତାକୁ ମୂଳଭିତ୍ତି କରି ପୁଷ୍କଳତ୍ୱ ଲାଭ ନ କଲେ, ରାଷ୍ଟ୍ରରେ ମମତାମୋହ, ଦଳଗତ ବିସମ୍ବାଦ ପ୍ରଭୃତି ବ୍ୟାପିଯାଇ ଜାତି ବା ସମାଜର ଗଣ୍ଡିକୁ ଏକାବେଳକେ ଧ୍ୱଂସ କରିଦେବ । ରାଜନୀତି ନୈତିକତାରୁ ବିଚ୍ଛିନ୍ନ ରହିଲେ ରାଜଶକ୍ତି ବା ନେତୃବର୍ଗ ଏଥିପୂର୍ବେ ସୂଚିତ ନାନା ଅତ୍ୟାଚାର ଓ ଅନାଚାରରେ ଚାଳିତ ହୋଇ ରାଷ୍ଟ୍ରକୁ ଏକ ଆଭ୍ୟନ୍ତରୀଣ କଳହର କ୍ଷେତ୍ରରେ ପରିଣତ କରିଦେବେ । ରାଜନୀତିକ କାର୍ଯ୍ୟକଳାପ ନୈତିକତାର ସହଯୋଗ ବା ସମନ୍ୱୟରେ ନିୟନ୍ତ୍ରିତ ନ ହେଲେ ମାନବଜାତିର ବିକାଶ ଓ ସୌଷ୍ଠବ ସୁଦୂର ପରାହତ ହେବ । ସେଥିପାଇଁ ଗାନ୍ଧିଜୀ ଟଲ୍‌ଷ୍ଟୟଙ୍କ ଚିନ୍ତାଧାରାକୁ ସମର୍ଥନ କରି ରାଜନୀତିକୁ ନୈତିକତାର ଭିତ୍ତିରେ ପ୍ରତିଷ୍ଠିତ କରିବାକୁ ଯାଇଅଛନ୍ତି । ବ୍ୟକ୍ତିଗତ ଜୀବନର କାର୍ଯ୍ୟାବଳୀର ମୂଲ୍ୟାୟନ ନୈତିକତାର ମୂଳ ଲକ୍ଷ୍ୟ ହେଲେ ହେଁ ରାଜନୀତି କ୍ଷେତ୍ରରେ ତାହାର କାର୍ଯ୍ୟକାରିତା ରହିଅଛି । ମନେ ରଖିବାକୁ ହେବ, ବ୍ୟଷ୍ଟି ସମଷ୍ଟିରୁ ବିଚ୍ଛିନ୍ନ ନୁହେଁ- ସମଷ୍ଟି ମାତ୍ରକେ ବ୍ୟଷ୍ଟି ବା ବ୍ୟକ୍ତିମାନଙ୍କର ସମନ୍ୱିତ ସମାହାର କହିଲେ ଅତ୍ୟୁକ୍ତି ହେବ ନାହିଁ । ସେଥିଲାଗି ସମଷ୍ଟିର ବିକାଶ ବ୍ୟଷ୍ଟି ଜୀବନର

Prepp
Your Personal Exams Guide

ବିକାଶ ଉପରେ ନିର୍ଭର କରେ । ଜାତୀୟ ଚରିତ୍ର ବିକଶିତ ନ ହେଲେ ରାଷ୍ଟ୍ରର ସୁପରିଚାଳନା ଅସମ୍ଭବ ହୋଇପଡ଼ିବ, ମାତ୍ର ଏହି ଜାତୀୟ ଚରିତ୍ର, ଏହି ସମଷ୍ଟିଗତ ଚରିତ୍ର, ବ୍ୟଷ୍ଟି ଚରିତ୍ରର ସଂଗଠନ ତଥା ଉତ୍କର୍ଷ ଉପରେ ଏକାନ୍ତ ନିର୍ଭର କରେ । ତେଣୁ ପ୍ରତ୍ୟେକ ରାଷ୍ଟ୍ରର ଅଧିନାୟକ, ରାଜପୁରୁଷ ହୁଅନ୍ତୁ ବା ନେତୃବୃନ୍ଦ ହୁଅନ୍ତୁ, ନୈତିକ ଚରିତ୍ରରେ ଚରିତ୍ରବାନ୍ ହେବା ବିଧେୟ । ନୈତିକତାବିହୀନ ରାଜନୀତି ଅନେକ ସମୟରେ ଏକ ଛତ୍ରାଧିପତ୍ୟର ମୋହରେ ଅନ୍ଧୀଭୂତ ହୋଇ ମାନବିକତାର ଯଥାର୍ଥ ବିକାଶର ପଥରୁଦ୍ଧ କରିଦିଏ । ଫଳତଃ ମାନବ ସମାଜ ପାଶବିକତାଦୁଷ୍ଟ ଏକ କିଂଭୂତ କିମାକାର ହୋଇଉଠେ । ଏହି ସବୁ ବିଷମୟ ପରିଣତି ପ୍ରତି ଦୃଷ୍ଟି ରଖି ବୋଧହୁଏ ପ୍ଲେଟୋ ଓ ହେଗେଲ୍ ପ୍ରଭୃତି ମନୀଷୀମାନେ ନୈତିକତାକୁ ରାଜନୀତିର ପ୍ରାଣ ରୂପେ ଗ୍ରହଣ କରିବାକୁ ଯାଇଛନ୍ତି । ସୁତରାଂ ନୈତିକତାର ଉତ୍କର୍ଷ ଓ ପ୍ରତିଷ୍ଠା ପ୍ରତ୍ୟେକ ରାଷ୍ଟ୍ରର ଓ ତେଣୁ ପ୍ରତ୍ୟେକ ରାଜନୀତିର ବିଧିବିଧାନ ଓ କର୍ମକ୍ଷେତ୍ରର ମୂଳରେ ନିୟାମକରୂପେ ଅବଲମ୍ବିତ ହେବା ଆବଶ୍ୟକ । ଏହିପରି ନୈତିକତାପୁଷ୍ଟ ରାଜନୀତି ସମଷ୍ଟିଗତ ତଥା ବ୍ୟଷ୍ଟିଗତ ଜୀବନର ନୈତିକ ଅଗ୍ରଗତିରେ ଯଥେଷ୍ଟ ସହକାରୀ ହୋଇପାରେ । କ୍ଷମତା ମୋହରେ ଦୃପ୍ତ ତଥା ଉନ୍ମତ୍ତ ହୋଇ ବଳପୂର୍ବକ ଆଇନ୍‌କାନୁନ୍ ରାଷ୍ଟ୍ରସ୍ଥ ବ୍ୟକ୍ତିମାନଙ୍କ ଉପରେ ଲଦିଦେଲେ ଚଳିବ ନାହିଁ । ସେଥିପାଇଁ ରାଷ୍ଟ୍ରନାୟକମାନଙ୍କର ଚିନ୍ତାଧାରା ନୈତିକ ଆଦର୍ଶ ଓ ବିଚାରଧାରାରେ ଅନୁପ୍ରାଣିତ ହେବା ସର୍ବତୋଭାବେ ବିଧେୟ,

www.prepp.in

Prepp
Your Personal Exams Guide

ଅନ୍ୟଥା ଗଣବିକ୍ଷୋଭର ବିଦ୍ରୋହ ବହ୍ନି ପ୍ରଜ୍ଜ୍ୱଳିତ ହୋଇ ରାଷ୍ଟ୍ରର ସମର ପ୍ରାଙ୍ଗଣରେ ପରିଣତ କରିଦେବ । ରାଜନୀତିରେ ଅବାରିତ ଯାଦୃଚ୍ଛିକ କର୍ତ୍ତୃତ୍ୱ ବା ପ୍ରଭୁପଣର ବିସ୍ତାର ନୈତିକତାର ବିରୋଧୀ ଓ ତେଣୁ ସର୍ବଥା ଭୟାବହ । ସେଥିପାଇଁ କହୁଁ, ରାଜନୀତି କ୍ଷେତ୍ରରେ ନୈତିକତାର ସ୍ଥାନ କେହି ଅସ୍ୱୀକାର କରିପାରିବେ ନାହିଁ । ନୈତିକତାର ମହାମନ୍ତ୍ରରେ ଅଭିମନ୍ତ୍ରିତ ନ ହେଲେ ରାଜନୀତିକ ପରିସ୍ଥିତି ମାନବ ସମାଜ ପ୍ରତି ଏକ ଅଶାନ୍ତିକର ବ୍ୟାପାର ହୋଇ ପଡ଼ିବ । ଆଜିକାଲି ସର୍ବତ୍ର ରାଜନୀତିଜ୍ଞଗଣ ଶାନ୍ତିସ୍ଥାପନ ଉଦ୍ଦେଶ୍ୟରେ ନିରତିଶୟ ପ୍ରଚେଷ୍ଟା ଚଳାଇ ଆସୁଛନ୍ତି । କାରଣ ସେମାନଙ୍କର ଚିନ୍ତାଧାରା ତଥା ଆଦର୍ଶ ନୈତିକ ବିଚାରରେ ପ୍ରାଣ ନହେଲେ ପୃଥିବୀପୃଷ୍ଠରେ ଶାନ୍ତି ସ୍ଥାପନାର ଚିତ୍କାର ବା ପ୍ରଚେଷ୍ଟା ବ୍ୟର୍ଥ ହେବ ମାତ୍ର ।

6. ଯେକୌଣସି **ପାଞ୍ଚୋଟି** ଶବ୍ଦର **ଗୋଟିଏ** ଲେଖାଏଁ ସମାର୍ଥବୋଧକ ଶବ୍ଦ ଲେଖି ବାକ୍ୟରେ ପ୍ରକାଶ କର : $3 \times 5 = 15$

(କ) ସୂର୍ଯ୍ୟ

(ଖ) ମୟୂର

(ଗ) ମେଘ

(ଘ) ବୃକ୍ଷ

(ଙ) ଜଳ

(ଚ) ସାପ

(ଛ) ସମୁଦ୍ର

www.prepp.in

7. ଯେକୌଣସି ପାଞ୍ଚୋଟି ଶବ୍ଦର ଶୁଦ୍ଧରୂପ ଲେଖି ବାକ୍ୟରେ ବ୍ୟବହାର କର : $3 \times 5 = 15$

(କ) ଦ୍ୱନ୍ଦ

(ଖ) ଅପରାହ୍ନ

(ଗ) ମନଭାବ

(ଘ) ସୂର୍ଯ୍ୟପରାଗ

(ଙ) ରଜଗୁଣ

(ଚ) ସନ୍ୟାସ

(ଛ) ବାକ୍‌ଦେବୀ

8. ନିମ୍ନଲିଖିତ ରୂଢ଼ିଗୁଡ଼ିକ ମଧ୍ୟରୁ ଯେକୌଣସି ପାଞ୍ଚୋଟିକୁ ଉପଯୁକ୍ତ ଅର୍ଥ ପ୍ରକାଶ କରୁଥିବା ବାକ୍ୟରେ ପ୍ରୟୋଗ କର : $3 \times 5 = 15$

(କ) କୁହାମୁଣ୍ଡା କପିଳା

(ଖ) ଅନ୍ଧାରକୁ ଟେକା ପକାଇବା

(ଗ) ଛୁଞ୍ଚିମାଛି ପରୀକ୍ଷା

(ଘ) ଘୋଷାବଳଦ

(ଙ) ନାଟର ଗୋବର୍ଦ୍ଧନ

(ଚ) ଅରଣ୍ୟରୋଦନ

(ଛ) ଅନ୍ଧବୁଝାମଣା

www.prepp.in

9. ନିମ୍ନଲିଖିତ ମଧ୍ୟରୁ ଯେକୌଣସି **ପାଞ୍ଚୋଯୋଡ଼ା** ସମୋଚ୍ଚାରିତ ଶବ୍ଦର ଅର୍ଥଗତ ପାର୍ଥକ୍ୟ ଦର୍ଶାଇ ବାକ୍ୟରେ ବ୍ୟବହାର କର : 3×5 = 15

(କ) କୂଳ – କୁଳ

(ଖ) କୃତି – କୃତୀ

(ଗ) ତରଣି – ତରଣୀ

(ଘ) ଶ୍ରବଣ – ସ୍ରବଣ

(ଙ) ଶୁକ୍ତି – ସୂକ୍ତି

(ଚ) କୁଜନ – କୂଜନ

(ଛ) ବାଳିଶ – ବାଳୀଶ

10. ଯେକୌଣସି **ପାଞ୍ଚୋଟି** ଶବ୍ଦର ବିପରୀତ ଅର୍ଥବୋଧକ ଶବ୍ଦ ଲେଖ ଏବଂ ସେହି **ଶବ୍ଦଗୁଡ଼ିକୁ** ବ୍ୟବହାର କରି ବାକ୍ୟ ଗଠନ କର : 2×5 = 10

(କ) ପ୍ରେମ

(ଖ) ଅଭିମାନ

(ଗ) କ୍ଷମା

(ଘ) ସଂକୀର୍ଣ୍ଣ

(ଙ) ଶୁଷ୍କ

(ଚ) ଆସକ୍ତି

(ଛ) ରାଜା

www.prepp.in

Prepp
Your Personal Exams Guide

11. ନିମ୍ନଲିଖିତ ପାଞ୍ଚୋଟି ଶବ୍ଦର ଅର୍ଥ ଲେଖ : 1×5 = 5

(କ) ଆୟୁଧ

(ଖ) ତତ୍ତ୍ୱ

(ଗ) ସୌରଭ

(ଘ) ଆବର୍ତ୍ତନ

(ଙ) ତ୍ୱରିତ

(ଚ) ନିୟତ

(ଛ) ପରମାର୍ଥ

12. 'ସ୍ମରଣୀୟ' ଶବ୍ଦଭଳି ପାଞ୍ଚୋଟି 'ଈୟ' ପ୍ରତ୍ୟୟ ଯୋଗ କରାଯାଇଥିବା ଶବ୍ଦ ଲେଖ । 1×5 = 5